ଏପିସୋଡ ୨୪

# ଉତ୍ତପ୍ତ ଧରଣୀ, ପରିବର୍ତ୍ତିତ ରୋଗ

ମୂଳ ରଚନା: ଅରବିନ୍ଦ ଦୁବେ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

ମେଘା    କଲେଜ ଛାତ୍ରୀ

ବିବେକ    ହାଇସ୍କୁଲ ଛାତ୍ର

ସାଗର    କଲେଜ ଅଧ୍ୟାପକ

ବସୁଧା    ସାଗରଙ୍କ ପତ୍ନୀ

ସ୍ଥାନ: ମେଘା ବିବେକଙ୍କ ଘର, ଦୁଆର ଘଣ୍ଟି ବାଜିବାର ଶବ୍ଦ

ଭିତରୁ ବସୁଧା:  ଆସୁଛି

(ପାଦଶବ୍ଦ, ଦୁଆର ଖୋଲିବା ଶବ୍ଦ)

ବସୁଧା:   ଆଜି ତମର ବହୁତ ଡେରି ହୋଇଗଲା।

ସାଗର: ନା ବସୁଧା, ମାତ୍ର ପାଞ୍ଚ ମିନିଟ ଲେଟ୍ ଆସିଛି।

ବସୁଧା: ମାତ୍ର ପାଞ୍ଚ ମିନିଟ, ମତେ ଲାଗିଲା ବହୁତ ଡେରି ହେଲାଣି।

ସାଗର: କଥା କ'ଣ, ଆଜି ପାଞ୍ଚ ମିନିଟ ତମକୁ (ବିରକ୍ତ ହୋଇ ) ପା..ଞ୍ଚ..ମି..ନି..ଟ ଭଳି ଲାଗିଲା। କ'ଣ କିଛି କହିବ?

ବସୁଧା: ହଁ। ଭାଇ ଫୋନ କରିଥିଲେ। ସେ କାଲି ଆସୁଛନ୍ତି। ଦେହ ଖରାପ ପରେ ବିଶ୍ରାମ ପାଇଁ କିଛିଦିନ ଛୁଟି ମିଳିଲା, ସେ ଏଠିକୁ ଆସୁଛନ୍ତି। କିଛିଦିନ ରହିବେ।

ସାଗର: ଓହୋ, ସେଥିପାଇଁ ସବୁ କିଛି ବଦଳିଗଲା ଭଳି କାହିଁକି ଲାଗୁଛି।

ମେଘା:(ପାଖକୁ ଆସି) କିଏ ଆସିବେ ମା?

ବସୁଧା: ତୋ ନାଇରୋବି ମାମୁ ଆସିବେ।

ବିବେକ: ତାହେଲେ ମାମୁଙ୍କ ସହ ବହୁତ ମଜା ହେବ।

ମେଘା:ଦେଖିଲ ମା, ସେ ରୋଗରୁ ଉଠି ଆସିଛନ୍ତି ଆଉ ବିବେକ ମଜା କରିବ।

ବସୁଧା: ଆରେ ତମେ ଦୁହେଁ ବାପାଙ୍କୁ ଭିତରକୁ ତ ଆସିବାକୁ ଦିଅ । ସେ କ'ଣ ଏମିତି ଦୁଆର ପାଖରେ ଠିଆ ହୋଇ ରହିବେ?

(ଦୃଶ୍ୟ ପରିବର୍ତ୍ତନ) ଦୁଆର ଘଣ୍ଟି ବାଜୁଛି।

ବସୁଧା: ଦେଖିଲୁ ମେଘା, ତୋ ମାମୁ ଆସିଗଲେ। ଦୁଆର ଖୋଲିବୁ ଯା।

(ଦୁଆର ଖୋଲିବା ଶବ୍ଦ)

ମେଘା:ଆରେ ମାମୁ, ନମସ୍କାର, ମା' ମାଇଁ ଆସିଗଲେ।

ବସୁଧା:   ହଁ ହଁ ତାଙ୍କୁ ଭିତରକୁ ତ ଆଣେ।

(ପାଦଶବ୍ଦ)

ମାମୁ: ନମସ୍କାର ଅପା।

ବସୁଧା:   ନମସ୍କାର।

ସାଗର:   ଆଉ ପ୍ରକାଶ, ଏବେ ଦେହ କେମିତି ଅଛି।

ପ୍ରକାଶ:   ଦେହ ତ ଠିକ ଅଛି। ଟିକିଏ ଖାଲି ଦୁର୍ବଳ ଲାଗୁଛି।

(ପାଦଶବ୍ଦ)

ପ୍ରକାଶ:   ଏ ମୋ ସାଙ୍ଗ ବିମଳ, ସ୍ୱାସ୍ଥ୍ୟ ବିଭାଗରେ କାମ କରନ୍ତି।

ବିବେକ:  ହଁ ହଁ ମାମୁ, ଆପଣ ଫୋନରେ ମା'ଙ୍କୁ କହିଥିଲେ।

ପ୍ରକାଶ:   ଆରେ ଚଗଲା, ଆସିଗଲୁ।

ବିବେକ:  ମୁଁ ଚଗଲା ନୁହେଁ, ମୁଁ ନବମ ଶ୍ରେଣୀର ଛାତ୍ର।

ପ୍ରକାଶ:   ଓହୋ ଏବେ ପୂରା ବଡ଼ପିଲା। (ସମସ୍ତେ ହସୁଛନ୍ତି)

ବସୁଧା:   ଚାଲେ, ମାମୁଙ୍କୁ ବସିବାକୁ ଦେ। ବିମଳ ଭାଇ ଆପଣ ବି ଆସନ୍ତୁ। ଆରାମରେ ବସନ୍ତୁ।

ସାଗର:   ଲାଜ କରନାହିଁ, ଏ ତମର ବି ଘର। ଆରାମରେ ବସ। ଆଗ କପେ ଗରମାଗରମ ଚା ହୋଇଯାଉ, ତା'ପରେ ଏମାନେ ଗାଧୁଆପାଧୁଆ କରିବେ।

ବସୁଧା:   ଦି ମିନିଟରେ ଆଣୁଛି।

(ବସୁଧାଙ୍କ ପ୍ରସ୍ଥାନ)

ସାଗର:   ହଁ ବିମଳ, କୁହ ତ ତମର କ'ଣ ହୋଇଥିଲା।

ପ୍ରକାଶ:  ସେମିତି କିଛି ନୁହେଁ। ଚାରି ପାଞ୍ଚ ଦିନ ଜର ରହିଲା। ପରୀକ୍ଷା କରିବାରୁ ଜଣାଗଲା ଯେ ମ୍ୟାଲେରିଆ।

ସାଗର:   ଆଉ ଏଠି ତମ ଭଉଣୀ  ତୁମ୍ବିତୋଫାନ କରିସାରିଲେଣି। ଆମର ଜଣେ ଡାକ୍ତର ସାଙ୍ଗ ଅଛନ୍ତି, ତାଙ୍କୁ ମଧ୍ୟ ପଚାରି ସାରିଲେଣି।

ପ୍ରକାଶ:  ଭାଇ, ସେଠି ମ୍ୟାଲେରିଆର ଭୟ ଏତେ ଅଧିକ ଯେ ଘରେ ସମସ୍ତେ ଡରି ଯାଇଥିଲେ।

ସାଗର:   ଏବେ ତ ଠିକ ଅଛି?

ପ୍ରକାଶ:  ହଁ ମୋଟାମୋଟି ଠିକ। ଭାବିଲି ବିଶ୍ରାମ ନେବା ପାଇଁ ଯୋଉ ଛୁଟି ମିଳିଛି ସେଥିରେ ଆପଣମାନଙ୍କ ସହ ଭେଟ ହୋଇଯିବ।

ସାଗର:   ବିମଳ, ଭାଇ, ତମେ ତ ଆସିବା ବେଳୁ ଚୁପଚାପ ବସିଛ। ତମକୁ ଲାଜ ଲାଗୁଛି କି?

ବିମଳ: ନାଇ ସାଗରଭାଇ, ମୁଁ ଆପଣମାନଙ୍କ କଥା ମନ ଦେଇ ଶୁଣୁଥିଲି।

ମେଘା:ବିମଳ ମାମୁ, କେବଳ ଶୁଣନ୍ତୁନାହିଁ, କିଛି କୁହନ୍ତୁ ବି।

ବିବେକ:  ବିମଳ ମାମୁ, ଡାକ୍ତର ମଉସା କହୁଥିଲେ ଯେ ଯେଉଁଠି ପ୍ରକାଶମାମୁ ରହନ୍ତି ସେଠି ତ ମ୍ୟାଲେରିଆ ହେଉ ନ ଥିଲା।

ବିମଳ: ଠିକ କହୁଥିଲେ, ପ୍ରଥମେ ସେସବୁ ଜାଗାରେ କୌଣସି ରୋଗ ବାହକ କୀଟ ପାଇଁ ଉପଯୁକ୍ତ ନ ଥିଲା। ତଥାପି...

ମେଘା:(କଥା ମଝିରେ କାଟି) ବିଶ୍ୱ ଉଷ୍ମାୟନ ଯୋଗୁ ସେଠିକା ତାପମାତ୍ରା ବଢ଼ିଲା ଆଉ ଏତେ ହେଲା ଯେ ରୋଗ ବାହକ କୀଟ ବଢ଼ିବାରେ ଲାଗିଲେ।

ବିମଳ: ମେଘା, ମ୍ୟାଲେରିଆ, ଫାଇଲେରିଆ, ଚାଗାସ୍ ରୋଗ , ଲେସ୍‌ମାନିଆସିସ୍, ଲାଇମ୍ ରୋଗ , ବେବିୟୋସିସ୍ ଭଳି ରୋଗ କ୍ଷେତ୍ରରେ ଏମିତି ହିଁ ହେଉଛି।

ବିବେକ: କ'ଣ ହେଉଛି ବିମଳ ମାମୁ?

ବିମଳ:ଏସବୁ ରୋଗ ଏବେ ସେଇଭଳି ଜାଗାରେ ହେବାରେ ଲାଗିଲାଣି ଯେଉଁଠି ଆଗରୁ ହେଉ ନ ଥିଲା।

ମେଘା:ଆଉ ଏ ନୂଆ ଜାଗାରେ ବେଶ୍ ବିପଦଜନକ ବି ହୋଇଯାଉଛି।

ବିମଳ: ଆରେ ତମେ କେମିତି ଜାଣିଲ?

ବିବେକ: ଆମେ ମା'ଙ୍କ ସହ ଶେଖର ମଉସାଙ୍କ ପାଖକୁ ଯାଇଥିଲୁ , ସେଠି ସେ କହୁଥିଲେ।

ପ୍ରକାଶ: ଆମ ଅଞ୍ଚଳରେ, ସେଠି କେନିଆରେ ବି ମ୍ୟାଲେରିଆର ଅବସ୍ଥା ସେଇଆ। ସେଥିପାଇଁ ତ ସେଠି ଲୋକ ମ୍ୟାଲେରିଆକୁ ଡରୁଛନ୍ତି।

ବିମଳ: ବାସ୍ତବରେ ବିଶ୍ୱ ଉଷ୍ମାୟନ ଏବଂ ଜଳବାୟୁ ପରିବର୍ତ୍ତନ ରୋଗ ଉପରେ କେତେ ପ୍ରକାରର ପ୍ରଭାବ ପକାଉଛି।

ସାଗର:   କେତେ ପ୍ରକାରର?

ବିମଳ: ପ୍ରଥମ କଥା ତ ମୁଁ ଏବେ କହିଲି ଯେ କିଛି ରୋଗ ଆଗରୁ ନ ଥିବା ଜାଗାରେ ଏବେ ବ୍ୟାପୁଛି।

ବିବେକ:  ତା ମାନେ କିଛି ରୋଗ ତାଙ୍କ ଆକ୍ରମଣର ଅଞ୍ଚଳ ବଢ଼ଉଛନ୍ତି।

ବିମଳ: ବିଲ୍‌କୁଲ୍। ଆଉ ଆଗକୁ ଏହାର ପରିଣାମ ସାଙ୍ଘାତିକ ହେବ।

ପ୍ରକାଶ:  ଅନେକ ବିକାଶଶୀଳ ଦେଶର ସ୍ୱାସ୍ଥ୍ୟ ବଜେଟ ତ ସାଙ୍ଘାତିକ ଭାବରେ ପ୍ରଭାବିତ ହେବ।

ବିମଳ: ବିଶ୍ୱ ଉଷ୍ମାୟନ ଯୋଗୁ ପୃଥିବୀର ଜଳଚକ୍ର ବି ଅନେକ ଭାବରେ ପ୍ରଭାବିତ ହେବ।

ବିବେକ:  ଜଳଚକ୍ର କ'ଣ?

ମେଘା:ଗରମ ହେଲେ ହ୍ରଦ, ପୋଖରୀ, ନଦୀ, ସମୁଦ୍ରର ଜଳ ବାଷ୍ପ ହୋଇ ଉଡ଼ିଯାଏ, ବରଫ ତରଳିଲେ ନଦୀରେ ପାଣି ଆସେ । ଏ ପାଣି ପୁଣି ବାଦଲ ହୋଇ ବରଷେ, ଯାହାର କିଛି ଅଂଶ ନଦୀ ମାଧ୍ୟମରେ ସମୁଦ୍ର ଆଉ ହ୍ରଦ ଯାଏଁ ପହଞ୍ଚେ। କିଛି ମାଟି ଭିତରକୁ ଚାଲିଯାଏ, ଦରକାର ପଡ଼ିଲେ ଏସବୁକୁ ବାହାର କରାଯାଏ।

ପ୍ରକାଶ:   ପାଣିର ଏହି କ୍ରିୟାକୁ ଜଳଚକ୍ର କୁହାଯାଏ।

ବିମଳ: ବିଶ୍ୱ ଉଷ୍ମାୟନ ଯୋଗୁ କୌଣସି ଜାଗାର ବାୟୁ ବହୁତ ଅଧିକ ଗରମ ହୋଇଯାଏ। ଥଣ୍ଡା ପବନ ଅପେକ୍ଷା ଗରମ ପବନ ତା ଭିତରେ ଅଧିକ ଆର୍ଦ୍ରତା ଧରି ରଖିପାରେ।

ମେଘା:ଏଥିରେ କ'ଣ ହେବ ବିମଳଭାଇ।

ପ୍ରକାଶ: ସଂକ୍ଷେପରେ କହିଲେ ପାଣିପାଗର ଚରମ ଅବସ୍ଥା ହେବ।

ବିବେକ: ବୁଝିହେଲାନି ମାମୁ।

ପ୍ରକାଶ: ତା ମାନେ କେଉଁଠି ଅତି ପ୍ରବଳ ବର୍ଷା ହେବ ତ ଆଉ କେଉଁଠି ମରୁଡ଼ି ପଡ଼ିବ। କେଉଁଠି ଗରମ ପବନର ଲୁ ବହିବ ତ ଆଉ କେଉଁଠି ଝଡ଼ବାତ୍ୟା ଆସିବ।

ବିମଳ: ସେଥିପାଇଁ ଲେକମାନେ ଏହାକୁ ଭୂମଣ୍ଡଳୀୟ ପରିବର୍ତ୍ତନ ନ କହି ବାୟୁମଣ୍ଡଳୀୟ ପରିବର୍ତ୍ତନ କହୁଛନ୍ତି।

ମେଘା:ତା ମାନେ ଜଳବାୟୁ ପରିବର୍ତ୍ତନ।

ବିମଳ: ହଁ ମେଘା, କାରଣ ଏଥିରେ ପୃଥିବୀ ବା ବାୟୁମଣ୍ଡଳୀୟ କେବଳ ଗରମ ହୁଏନାହିଁ, ବାୟୁମଣ୍ଡଳରେ ଅନେକ ପରିବର୍ତ୍ତନ ବି ହୁଏ।

ସାଗର: ବାସ୍ତବରେ କହିବାକୁ ଗଲେ ବାୟୁମଣ୍ଡଳର ଏଇ ପରିବର୍ତ୍ତନ ହିଁ ସବୁର ମୂଳ।

ବିମଳ: ଆପଣ ଠିକ କହିଛନ୍ତି ସାଗରଭାଇ। କୌଣସି ଜାଗାରେ ବନ୍ୟା ଆସିଲେ କ'ଣ ହେବ? ଠା' ଠା'ରେ ପାଣି ଜମି ରହିବ।

ମେଘା:(ମଝିରୁ ଅଟକାଇ) ଏଥିରେ ମାଛି, ମଶା, କୀଟପତଙ୍ଗ ବଢ଼ିବେ। ସେମାନେ ହଇଜା, ତରଳଝାଡ଼ା, ଆଦି ବିଭିନ୍ନ ରୋଗ ବ୍ୟାପିବାରେ ଲାଗିବେ।

ବିମଳ: ଠିକ କହିଛ ମେଘା, ବନ୍ୟା ଆସିଲେ ସେ ଅଞ୍ଚଳର ମଳ ନିଷ୍କାସନ ପ୍ରକ୍ରିୟା, ମଇଳା ଆବର୍ଜନା ପରିଚାଳନା ବ୍ୟବସ୍ଥା ପୂରା ଅସ୍ତବ୍ୟସ୍ତ ହୋଇଯିବ।

ପ୍ରକାଶ: ସୋରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଏଭଳି ସମୟ ପାଇଁ ଅଲଗା ବ୍ୟବସ୍ଥା ଥାଏ। ଏହି ଅଧିକ ପାଣିକୁ କିଛି ବଡ଼ କଣା ଥିବା ଫିଲ୍ଟର ଦେଇ ଉପଚାର ବିନା ବାହାର କରିଦିଆଯାଏ।

ସାଗର: ଆରେ ଏମିତି!!

ପ୍ରକାଶ: ନହେଲେ କ'ଣ କରିବେ! ପାଣିକୁ ତ ସହର ଭିତରେ ଅଟକାଇ ରଖିପାରିବେ ନାହିଁ। ତାକୁ ତ ବାହାର କରିବାକୁ ହେବ।

ମେଘା:ଏଥିରେ ତ ମାଟି ତଳର ଜଳ ନଷ୍ଟ ହୋଇପାରେ।

ବିମଳ: ମେଘା ହେଇପାରେ ନୁହେଁ, ହୁଏ। ଦ୍ୱୀପରେ ରହୁଥିବା ଲୋକଙ୍କ କ୍ଷେତ୍ରରେ ଏଭଳି ହେଉଛି। ନିନୋ ବାତ୍ୟା ପରେ ମାଇକ୍ରୋନେସିଆର ଚୁକ୍ ଦ୍ୱୀପର ଲୋକଙ୍କ ଭିତରେ ତରଳଝାଡ଼ା ରୋଗୀଙ୍କ ସଂଖ୍ୟା ଅନେକ ବଢ଼ିଯାଇଥିଲା।

ସାଗର: ସାଧାରଣତଃ ଆମେ ଦେଖେ ଯେ ବନ୍ୟା ଆସିଲେ ହଇଜା ବ୍ୟାପିଥାଏ।

ବିମଳ: ବାୟୁମଣ୍ଡଳରେ ହେଉଥିବା ପରିବର୍ତ୍ତନ ଯୋଗୁ ଏସବୁ ରୋଗ ବାହକ ଜୀବାଣୁଙ୍କ ଦେହରେ ବି ଏମିତି ପରିବର୍ତ୍ତନ ହୋଇଗଲାଣି ଯେ ସାଧାରଣ ଜୀବାଣୁନାଶକ ଔଷଧ ଏମାନଙ୍କ ପାଇଁ କାମ କରୁନାହିଁ।

ମେଘା:ବିମଳଭାଇ, କ'ଣ କେବଳ ପାଣିରେ ରହୁଥିବା ଜୀବାଣୁ ଆଉ କୃମି ଏଇ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉଛନ୍ତି? କିଛି ଜୀବାଣୁ ତ ମାଟିରେ ବି ରହନ୍ତି। ତାଙ୍କର କ'ଣ ହୁଏ?

ପ୍ରକାଶ: ସେମାନଙ୍କ ଉପରେ ବି ଏଇ ପରିବର୍ତ୍ତନର ପ୍ରଭାବ ପଡୁଥିବ, କ'ଣ ବିମଳ?

ବିମଳ: କି ପୃଥିବୀ, କି ଆକାଶ, କି ବାୟୁ, କି ପାଣି, କି ମାଟି, ପ୍ରଭାବ ତ ସବୁ ଜାଗାରେ ପଡୁଛି।

ସାଗର: ତାମାନେ କ'ଣ ମାଟି ଉପରେ ବି...

ବିମଳ: ହଁ ସାଗରଭାଇ, ପ୍ରଥମ କଥା ତ ଯେ ଜଳବାୟୁ ପରିବର୍ତ୍ତନ ଯୋଗୁ ମାଟିର ଗଠନରେ ପରିବର୍ତ୍ତନ ଆସୁଛି। ଏବେ କୃମି, ଆସ୍କାରିସ୍ ବା ହୁକ୍‌ୱର୍ମ ର ଉଦାହରଣ ନିଅ।

ବିବେକ: ଆସ୍କାରିସ୍ ତ ବେଳେ ବେଳେ ଝାଡ଼ା ସହିତ ବଡ଼ ଜିଆ ଭଳି ବାହାରେ। କିନ୍ତୁ ଏ ହୁକ୍‌ୱର୍ମ କ'ଣ?

ବିମଳ: ଆସ୍କାରିସ ବିଷୟରେ ତ ତମେ ଠିକ କହିଲ । ହୁକ୍‌ୱର୍ମ ପେଟର ଗୋଟିଏ କୃମି, ଖାଲି ପାଦରେ ଚାଲବୁଲ କଲେ ଏହାର ଲାର୍ଭା ବା ଶୂକକୀଟ ପାଦତଳର ଚମଡ଼ା ଭିତରେ ପଶି ରକ୍ତସଞ୍ଚାରରେ ପହଞ୍ଚିଯାଏ। ତା ପରେ ଫୁସଫୁସ ଦେଇ ଅନ୍ତନାଳୀରେ ପହଞ୍ଚେ।

ପ୍ରକାଶ: ତା'ପରେ ଏହା ପିଲାଙ୍କ ଅନ୍ତନାଳୀରେ ଲାଖି ରହେ ଆ ରକ୍ତ ଶୋଷେ, ଫଳରେ ରକ୍ତହୀନତା ହୁଏ।

ବିମଳ: ମେଘ, ହୁକ୍‌ୱର୍ମ ଆଉ ଆସ୍କାରିସ୍ ଦୁଇଟିଯାକ ମାଟିରେ ହିଁ ବଢ଼େ ଯେଉଁଠି ତାପମାତ୍ରା ୧୦ ଡିଗ୍ରୀ ବା ତାଠାରୁ ଅଧିକ ହୁଏ ଏବଂ ଆର୍ଦ୍ରତା ବି ବହୁତ ହୁଏ। ତାହେଲେ ଏହାର ଅଣ୍ଡା ଆଉ ଶୂକକୀଟ ଶୁଖିଯିବ ନାହିଁ।

ମେଘା:ବିଶ୍ୱ ଉଷ୍ମାୟନ ଯୋଗୁ ଏମାନଙ୍କୁ ଉପଯୁକ୍ତ ବାତାବରଣ ମିଳିଯାଉଛି। ସେଥିପାଇଁ ଥଣ୍ଡା ଅଞ୍ଚଳରେ ଆଗେ ଯେଉଁଠି କମ୍ ହେଉଥିଲେ ଏବେ ତାପମାତ୍ରା ବଢ଼ିବା ଯୋଗୁ ସେଠି ବି ପ୍ରଚୁର ମିଳୁଛି।

ବିମଳ: ମେଘା, ତମେ ଠିକ ସିଦ୍ଧାନ୍ତ ବାହାର କରିଛ। ଏହାଛଡ଼ା ଆଉ ବି କିଛି ଏମିତି ରୋଗ ଅଛି ଯାହା ମନେହେଉଛି ଚାଲିଯାଇଠି କିନ୍ତୁ ବାସ୍ତବରେ ଫେରି ଆସୁଛି।

(ପାଦଶବ୍ଦ, ବସୁଧା ଆସୁଛନ୍ତି)

ବସୁଧା: ସେମାନେ ଏତେ ବାଟରୁ ଆସିଛନ୍ତି । ଆଗ ଟିକେ ଧୁଆଧୋଇ ହୋଇ ଚା ପିଅନ୍ତୁ। ତା ପରେ ଆଲୋଚନା ଜାରି ରଖିବ।

ଦୃଶ୍ୟ ପରିବର୍ତ୍ତନ

ଘରର ବୈଠକଖାନା, ମେଘା, ବିବେକ, ସାଗର, ପ୍ରକାଶ, ବସୁଧା ଏବଂ ବିମଳ ବସି ଆଲୋଚନା କରୁଛନ୍ତି

ବସୁଧା: ବିମଳଭାଇ, ତମେ କୁଆଡ଼େ ବୁଲିବାକୁ ଯିବ କି ? ମାନେ କିଣାକିଣି?

ବିମଳ: କିଛି କିଣିବାକୁ ଭାବୁଥିଲି। ସନ୍ଧ୍ୟାରେ ଦେଖିବା।

ବସୁଧା: ଟିକେ ବିଶ୍ରାମ ନିଅ। ନହେଲେ ଏ ମାଙ୍କଡ଼ ଦୁଇଜଣ ପିଛା

ଛାଡ଼ିବେନି।

ପ୍ରକାଶ: ନା ନା ଏବେ ତ ବହୁତ ବଡ଼ ବଡ଼ କଥା କହୁଛନ୍ତି ଦିଜଣ। ଗତଥର ଆସିଲା ବେଳେ ଏମାନେ ବହୁତ ଛୋଟ ଥିଲେ।

ବିମଳ: ହଁ ମୁଁ ବି ଦେଖୁଛି ପ୍ରକାଶ, ମେଘା ର ତ ବିଶ୍ୱ ଉଷ୍ଣାୟନ ଉପରେ ବହୁତ ଆଗ୍ରହ ରହିଛି। ବହୁତ ଭଲ କଥା, କାଲିର ଭାବି ନାଗରିକ ଯଦି ଏ ବିଷୟରେ ଆଗ୍ରହୀ ହେବେ।

ବିବେକ: କିଛି ଲକ୍ଷଣ ଫକ୍ଷଣ ନାହିଁ ବିମଳ ଭାଇ। ମୁଁ ତା ଗୁପ୍ତକଥା ଜାଣିଛି।

ମେଘା:(ବିରକ୍ତ ହୋଇ) କ'ଣ, କୋଉ ଗୁପ୍ତକଥା ତୁ ଜାଣିଛୁ।

ବିବେକ: ପ୍ରକାଶ ମାମୁ, ମେଘାକୁ ବିଶ୍ୱ ଉଷ୍ଣାୟନ ଉପରେ ଗୋଟିଏ ପ୍ରକଳ୍ପ କରିବାର ଅଛି। ସେଥିପାଇଁ ତା'ର ଏତେ ଆଗ୍ରହ। ନହେଲେ ତ ସେ ଘର ସାମନା ନଳାରେ ବି ଆଗ୍ରହ ଦେଖାଏନାହିଁ।

ମେଘା:ଆଚ୍ଛା!!

ପ୍ରକାଶ: ମେଘା, ସତରେ କ'ଣ ତୁ ବିଶ୍ୱ ଉଷ୍ଣାୟନ ଉପରେ କିଛି ପ୍ରକଳ୍ପ କରୁଛୁ?

ମେଘା:ହଁ, ସେଇଠୁ...

ବିବେକ: ଦେଖିଲ, ମୁଁ କହୁଥିଲି ନା...

ପ୍ରକାଶ: କୋଉ ବିଷୟ?

ମେଘା:ବିଶ୍ୱ ଉଷ୍ଣାୟନ ଏବଂ ମଣିଷର ସ୍ୱାସ୍ଥ୍ୟ।

ପ୍ରକାଶ:   ତାହେଲେ ତ ତୋ ଭାଗ୍ୟ ଭଲ। ତୁ ତାହେଲେ ବିମଳ ସହ କଥା ହେଲେ ସେ ତତେ ବହୁତ ସାହାଯ୍ୟ କରିପାରିବ। ସେ ବିଶ୍ରାମ ନେଉଛି।